# ସୁସମ୍ବାଦ କାହାଣୀ ପୁସ୍ତିକା

## ଛଅ



ଏହା ମୋର ଶୁଭ ସମ୍ବାଦ ବହି ଛଅ

ମୋର ନାମ

---

ମୁଁ ମୋର ସୁସମ୍ବାଦ କାହାଣୀ ବହି ଛଅ ପଢି ପାରୁଛି

ଏହି କାହାଣୀଗୁଡିକ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପବିତ୍ର ପୁସ୍ତକରୁ ନିଆଯାଇଅଛି ।
ଏହି କାହାଣୀ ବହିରେ ଥିବା ସମସ୍ତ ଚିତ୍ରାଙ୍କନ ଭାରତୀୟ ଜନଜାତି ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ।
ସୁସମ୍ବାଦ କାହାଣୀ ପୁସ୍ତିକାର ଛଅ । କାର୍ଯ୍ୟକ୍ରମ ନିୟମାବଳୀ 2015 ସଂକଳନ । ଭାରତରେ ପ୍ରକାଶିତ ।
ଅଧିକ ଜାଣିବା ପାଇଁ: WBTC India, P.O. Box 8478, Bangalore 560084.
Email: info@wbtcindia.com କୁ ଯୋଗାଯୋଗ କରନ୍ତୁ ।



ଯୀଶୁ ହିଁ ସୁସ୍ଥତା ପ୍ରଦାନ କରନ୍ତି........................2-15
ମୁଁ ମୁକ୍ତ.......................................................16-21
ଯୀଶୁ ଉଦ୍ଧାର କରନ୍ତି....................................22-34
ଯୀଶୁ ଜୀବିତ.............................................36-40

# ଯୀଶୁ ହିଁ ସୁସ୍ଥତା ପ୍ରଦାନ କରନ୍ତି

ଅନ୍ୟ ଏକ ଦିନ, ଅନ୍ୟ ଏକ ସମୟ,
ଅନ୍ୟ ଏକ ସ୍ଥାନ ।

ମୁଁ ଦେଖିପାରୁଛି ଗୋଟିଏ ଛୋଟ ଝିଅକୁ ।

ସେହି ଛୋଟ ଝିଅର ବୟସ ବାର ବର୍ଷ ।

ସେହି ଛୋଟ ଝିଅଟି ବହୁତ, ବହୁତ,
ବହୁତ ଅସୁସ୍ଥ ଅଛି ।

ଛୋଟ ଝିଅଟି ମରିବାକୁ ଯାଉଛି !







ସେହି ଛୋଟ ଝିଅର ଜଣେ ବାପା ଅଛି ।

ତା'ଙ୍କ ନାମ ଯାଇରସ ।

ଯାଇରସକୁ ସହରକୁ ଯାଉଥିବା
ମୁଁ ଦେଖିପାରୁଛି ।

ଶୀଘ୍ର...ଶୀଘ୍ର...ଶୀଘ୍ର...ତୁମ ଛୋଟ
ଝିଅ ମରିବାକୁ ଯାଉଛି !

ମୁଁ ଯାଇରସକୁ ଯୀଶୁଙ୍କ ପାଦତଳେ
ପଡୁଥିବାର  ଦେଖିପାରୁଛି ।
ମୁଁ ଯାଇରସଙ୍କୁ ଯୀଶୁଙ୍କୁ କହୁଥିବାର ଶୁଣିପାରୁଛି,
'ଦୟାକରି ମୋ' ଘରକୁ ଆସନ୍ତୁ ।
ମୋର ଛୋଟ ଝିଅ ମରିବାକୁ ଯାଉଛି ।
ତା'ଙ୍କୁ ସ୍ପର୍ଶ କର ସେ ସୁସ୍ଥ ହୋଇଯିବ ।
ତା'ଙ୍କୁ ସ୍ପର୍ଶ କର ସେ ବଞ୍ଚିଯିବ ।'








ଯୀଶୁଙ୍କୁ ଓ ଯାଇରସକୁ ଯାଇରସର ଘରକୁ
ଯାଉଥିବା ମୁଁ ଦେଖିପାରୁଛି ।
ସାନ ଝିଅ ଅପେକ୍ଷା କର, ସୃଷ୍ଟିକର୍ତ୍ତା
ପରମେଶ୍ୱର ଆସୁଅଛନ୍ତି...

ବର୍ତ୍ତମାନ ମୁଁ ଜଣେ ନାରୀକୁ ଦେଖିପାରୁଛି ।

ସେ ବିଶେଷ ଅସୁସ୍ଥ ।

ସେ ସାମାଜିକ ମାନଦଣ୍ଡରେ ଅଛୁଆଁ ଗଣା ଯାଉଥିଲେ ।

ସେହି ଅସୁସ୍ଥ ନାରୀ ନିଜକୁ ଏପରି କହୁଥିବା ମୁଁ ଶୁଣିପାରୁଛି,

'ଯଦି ମୁଁ ଯୀଶୁଙ୍କୁ ଛୁଇଁଦେବି, ତା'ହେଲେ ମୁଁ ସୁସ୍ଥ ହୋଇଯିବି ।'







ତା'ପରେ ଏହିପରି ହେଲା ...

ଯେଉଁ ନାରୀଟି ବେଶୀ ଅସୁସ୍ଥ ଥିଲା,
ସେ ଯୀଶୁଙ୍କୁ ସ୍ପର୍ଶ କଲା ।
ମୁଁ ଦେଖିପାରୁଛି ଯୀଶୁ ଚାଲିବା ବନ୍ଦ
କରିଦେଲେ ।
ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'କିଏ ମୋତେ ଛୁଇଁଲା ?'







ବହୁତ ଲୋକମାନେ ଶୁଣୁଛନ୍ତି...
ଶୁଣୁଛନ୍ତି...ଶୁଣୁଛନ୍ତି...

ସେହି ଅସୁସ୍ଥ ନାରୀ ଏପରି
କହୁଥିବା ମୁଁ ଶୁଣିପାରୁଛି,
'ଯୀଶୁଙ୍କ ଗୋଟିଏ ସ୍ପର୍ଶରେ,
ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହେଲି !'







ସାନ ଝିଅ ଅପେକ୍ଷା କର, ସୃଷ୍ଟିକର୍ତ୍ତା
ପରମେଶ୍ୱର ଆସୁଅଛନ୍ତି...

ତା'ପରେ ଏହିପରି ହେଲା...







ଜଣେ ପୁରୁଷ ଯାଇରସକୁ
ଏହିପରି କହୁଥିବା ମୁଁ ଶୁଣିପାରୁଛି,
'ତୋର ଛୋଟ ଝିଅ ମରିଯାଇଛି ।'
ଯୀଶୁ ଯାଇରସକୁ କହୁଥିବା
ମୁଁ ଶୁଣିପାରୁଛି,
'ଦୁଃଖିତ ହୁଅନାହିଁ, ମୁଁ ଯୀଶୁ ।
ତୋର ଛୋଟ ଝିଅ ବଞ୍ଚିବ !'

ଯୀଶୁଙ୍କୁ ଓ ଯାଇରସଙ୍କୁ ଯାଇରସର
ଘରକୁ ଯାଉଥିବା ମୁଁ ଦେଖିପାରୁଛି ।
ଯୀଶୁ ସେହି ମୃତ ସାନ ଝିଅକୁ ଏପରି
କହୁଥିବା ମୁଁ ଶୁଣିପାରୁଛି
'ସାନ ଝିଅ, ଉଠ !'
ମୁଁ ଦେଖିପାରୁଛି ସେହି ଛୋଟ ଝିଅ
ଉଠି ବସିଲା !
ସେହି ଛୋଟ ଝିଅ ପୁନର୍ବାର ଜୀବିତ !







ଯୀଶୁ ହେଉଛନ୍ତି ଜୀବନ ଚିରକାଳ
ପାଇଁ, ଚିରକାଳ ପାଇଁ, ଚିରକାଳ ପାଇଁ ।
ଅନ୍ଧକାରକୁ ଦୂର କରିବା ପାଇଁ କେବଳ
ଯୀଶୁଙ୍କ ନିକଟରେ ଶକ୍ତି ଅଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

# ମୁଁ ମୁକ୍ତ

ଅନ୍ୟ ଏକ ଦିନ, ଅନ୍ୟ ଏକ ସମୟ,
ଅନ୍ୟ ଏକ ସ୍ଥାନ ।

ଯୀଶୁ ଓ ତା'ଙ୍କ ଅନୁଗମନକାରୀମାନେ
ନଦୀ ଆରପାରିକି ଯାଉଥିବା
ମୁଁ ଦେଖିପାରୁଛି ।

ଘୁଷୁରିମାନଙ୍କୁ ନଦୀ ପାଖରେ
ଠିଆହୋଇଥିବାର ମୁଁ ଦେଖିପାରୁଛି ।







ସେଠାରେ ଜଣେ ପୁରୁଷକୁ ମୁଁ ଦେଖିପାରୁଛି ।

ସେହି ପୁରୁଷ ମଧ୍ୟରେ ଅନେକ
ମନ୍ଦ ଆତ୍ମାଅଛି ।

ସେହି ପୁରୁଷ ମଧ୍ୟରେ ଥିବା ମନ୍ଦ
ଆତ୍ମାସବୁକୁ ଯୀଶୁ ତା' ମଧ୍ୟରୁ
ବାହାରି ଯିବାକୁ କହୁଥିବା ମୁଁ ଶୁଣିପାରୁଛି ।

ଯଥା : 'ଏହି ଲୋକ ମଧ୍ୟରୁ ତୁମେସବୁ
ବାହାରିଆସି ନଦୀ ପାର୍ଶ୍ୱରେ ଥିବା
ଠିଆହୋଇଥିବା ଘୁଷୁରିମାନଙ୍କ
ଭିତରେ ପ୍ରବେଶ କର ।'

ଅନେକ ମନ୍ଦ ଆତ୍ମା ସେହି ପୁରୁଷ ମଧ୍ୟରୁ
ବାହାରି ଠିଆହୋଇଥିବା ଘୁଷୁରିମାନଙ୍କ
ମଧ୍ୟରେ ପ୍ରବେଶ କରୁଥିବା
ମୁଁ ଦେଖିପାରୁଛି ।
ଘୁଷୁରିମାନେ ନଦୀ ମଧ୍ୟକୁ ଦୌଡ଼ି
ଯାଉଥିବା ମୁଁ ଦେଖିପାରୁଛି ।
ତଦ୍ଦ୍ୱାରା ସମସ୍ତ ଘୁଷୁରି ମରିଯାଇଛନ୍ତି ।







ସେହି ପୁରୁଷକୁ ଯୀଶୁଙ୍କ ଉଦ୍ଦେଶ୍ୟରେ
ଗାନ କରୁଥିବା ମୁଁ ଶୁଣିପାରୁଛି ।
ସେହି ପୁରୁଷକୁ ଯୀଶୁ ଏପରି କହୁଥିବା
ମୁଁ ଶୁଣିପାରୁଛି,
'ସୃଷ୍ଟିକର୍ତ୍ତା ପରମେଶ୍ୱର ଯେ ସମସ୍ତ
ତୁମ ପାଇଁ ସାଧନ କଲେ, ତାହା ଅନ୍ୟ
ସମସ୍ତ ଲୋକମାନଙ୍କୁ ଯାଇ କୁହ ।'

ସେହି ପୁରୁଷ ସବୁ ଲୋକମାନଙ୍କୁ
ଏପରି କହୁଥିବା ମୁଁ ଶୁଣିପାରୁଛି,

'ଯୀଶୁ ମନ୍ଦଆତ୍ମାମାନଙ୍କୁ
ବାହାରିଯିବାପାଇଁ କହିଲେ ।

ମନ୍ଦତ୍ମାଗୁଡିକ ମୋ' ମଧ୍ୟରୁ
ବାହାରିଗଲେ ।

ଯୀଶୁ ମୋତେ ମୁକ୍ତ କରିଅଛନ୍ତି ।'







ଯୀଶୁ ଜଗତର ଜ୍ୟୋତିଃ ।
ଅନ୍ଧକାରକୁ ଦୂର କରିବା ପାଇଁ
କେବଳ ଯୀଶୁଙ୍କ ନିକଟରେ ଶକ୍ତି ଅଛି ।
ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

# ଯୀଶୁ ଉଦ୍ଧାର କରନ୍ତି

କିଛି ସମୟ ବିତିଗଲା ।

ଏହି ରାତିଟି ଅନ୍ଧକାରାଚ୍ଛନ୍ନ...

ଏହା ଅତିଶୟ, ଅତିଶୟ,

ଅତିଶୟ ଅନ୍ଧକାରାଚ୍ଛନ୍ନ ।





ଯୀଶୁ ତା'ଙ୍କ ଅନୁଗମନକାରୀଙ୍କୁ ଏପରି

କହୁଥିବା ମୁଁ ଶୁଣିପାରୁଛି,

'ଏବେ ସେହି ସମୟ ପ୍ରାୟ ଉପସ୍ଥିତ, ମୁଁ

ତୁମ୍ଭମାନଙ୍କ ମନ୍ଦ କାର୍ଯ୍ୟ ପାଇଁ ମୋର

ଜୀବନକୁ ଏକ ରକ୍ତଦାନର ବଳି ଭାବରେ

ଉତ୍ସର୍ଗ କରିବାକୁ ଯାଉଛି ।

ତୁମ୍ଭମାନଙ୍କ ଶାସ୍ତି ମୁଁ ଭୋଗ କରିବି,

ଏବଂ ଅନ୍ଧକାରକୁ ଦୂର କରିବି ।

ମୁଁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ,

ଚିରକାଳ ପାଇଁ ଉଦ୍ଧାର କରିବି ।'

କିଛି ସମୟ ବିତିଗଲା ।
ମୁଁ ଦେଖିପାରୁଛି ଯୀଶୁଙ୍କୁ ସେନାମାନେ
କ୍ରୁଶରେ କଣ୍ଟାବିଦ୍ଧ କରୁଛନ୍ତି ।








ମୁଁ ଦେଖିପାରୁଛି ଯୀଶୁଙ୍କ ରକ୍ତ ଭୂମି
ଉପରେ ଝରିପଡୁଛି...ଝରିପଡୁଛି...
ଝରିପଡୁଛି... ।

ମୁଁ ଦେଖିପାରୁଛି ଯୀଶୁ କ୍ରୁଶ ଉପରେ
ଟଙ୍ଗା ଯାଇଛନ୍ତି ।
ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'ତଥାପି ମୁଁ ତୁମକୁ ପ୍ରେମ କରେ ।
ମୁଁ ତୁମକୁ ରକ୍ଷା କରିବି ।
ତୁମେ ମୋର ସନ୍ଧାନ ପାଇବ ।
ମୁଁ ତୁମକୁ କ୍ଷମା କରିଛି ।
ମୋର ଜୀବନ ମୁଁ ତୁମକୁ ଦେଉଛି ।'








ଯୀଶୁ ମୃତ୍ୟୁବରଣ କରିଥିବା ମୁଁ
ଦେଖିପାରୁଛି ।

ଏହି ଦିନଟି ଅନ୍ଧକାରାଚ୍ଛନ୍ନ...
ଏହା ଅତିଶୟ, ଅତିଶୟ, ଅତିଶୟ
ଅନ୍ଧକାରାଚ୍ଛନ୍ନ ।

ଯୀଶୁଙ୍କ ଅନୁସରଣକାରୀମାନେ ତା'ଙ୍କ
ମୃତ ଶରୀରକୁ ସମାଧି ସ୍ଥଳକୁ ବୋହି
ନେବା ମୁଁ ଦେଖିପାରୁଛି ।

ଯୀଶୁ କବରସ୍ଥ ହେଲେ ।







କିଛି ସମୟ ବିତିଗଲା ।

ଯୀଶୁଙ୍କ କବର ଏବେ ଶୂନ୍ୟ ତାହା
ମୁଁ ଦେଖିପାରୁଛି !
ଯୀଶୁଙ୍କ ଶରୀର କେଉଁଠାରେ ?







ଏକ ଉତ୍ତମ ଆତ୍ମା ଯୀଶୁଙ୍କ
ଅନୁସରଣକାରୀମାନଙ୍କୁ କହୁଥିବା
ମୁଁ ଶୁଣିପାରୁଛି,
'ଯୀଶୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ  ଜୀବିତ !'

## ମୁଁ ଯୀଶୁଙ୍କୁ ଦେଖିପାରୁଛି । ସେ ଜୀବିତ !






ଯୀଶୁ ତା'ଙ୍କ ଅନୁଗମନକାରୀଙ୍କୁ
ଏପରି କହୁଥିବା ମୁଁ ଶୁଣିପାରୁଛି,
'ଏହି ଶୁଭ ସମ୍ବାଦ ସମସ୍ତ ଜାତି, ସମସ୍ତ
ଲୋକମାନଙ୍କୁ ପ୍ରତିଟି ସ୍ଥାନରେ ଯାଇ କୁହ !
ମୁଁ ତୁମକୁ ପ୍ରେମ କରେ ।
ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିବାକୁ
ମୁଁ ମୃତ୍ୟୁବରଣ କଲି, ତଥାପି
ମୁଁ ପୁନରୁତ୍ଥିତ, ଜୀବିତ ।'

ଯୀଶୁ, ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଉର୍ଦ୍ଧ୍ୱକୁ...ଆକାଶ ମଧ୍ୟକୁ ଯାଉଥିବା ମୁଁ ଦେଖିପାରୁଛି ।





# ଯୀଶୁ ଜୀବିତ

ଅନେକ ବର୍ଷ ବିତିଗଲା ।

ମୁଁ ଜଣେ ପୁରୁଷଙ୍କୁ ଦେଖିପାରୁଛି ।

ତା'ଙ୍କର ନାମ ଯୋହନ ।

ଯୋହନ ଏପରି କହୁଥିବା ମୁଁ ଶୁଣିପାରୁଛି,

'ମୁଁ ଯୀଶୁଙ୍କୁ ଆକାଶରେ ଦେଖିପାରୁଛି ।

ତା'ଙ୍କର ଚକ୍ଷୁ ଅଗ୍ନି ସଦୃଶ୍ୟ !'







ଯୀଶୁଙ୍କୁ ଏକ ଶ୍ୱେତ ବର୍ଣ୍ଣର ଅଶ୍ୱରେ

ଆସୁଥିବାର ମୁଁ ଦେଖିପାରୁଛି ।

ତାହାଙ୍କ ନାମ ଈଶ୍ୱରଙ୍କ ବାକ୍ୟ ।

ଯୀଶୁଙ୍କ ବସ୍ତ୍ରାଞ୍ଚଳରେ ଏହି ବାକ୍ୟ

ଲେଖାଯାଇଥିବା ମୁଁ ଦେଖିପାରୁଛି,

ରାଜାମାନଙ୍କ ରାଜା ଓ ପ୍ରଭୁମାନଙ୍କ ପ୍ରଭୁ !

ଯୀଶୁଙ୍କ ଉଦ୍ଦେଶ୍ୟରେ ସମସ୍ତ ଜାତିର ଲୋକ
ଗାନ କରୁଥିବା ମୁଁ ଦେଖିପାରୁଛି ।

ଆତ୍ମାଗଣ ଯୀଶୁଙ୍କ ଉଦ୍ଦେଶ୍ୟରେ ଗାନ
କରୁଥିବା ମୁଁ ଦେଖିପାରୁଛି ।

ସମସ୍ତ ସୃଷ୍ଟି ଯୀଶୁଙ୍କ ଉଦ୍ଦେଶ୍ୟରେ ଗାନ
କରୁଥିବା ମୁଁ ଦେଖିପାରୁଛି ।







ସୃଷ୍ଟିକର୍ତ୍ତା ଈଶ୍ୱର ଏହିପରି କହୁଥିବାର
ମୁଁ ଶୁଣି ପାରୁଛି,

'ମୋର ଲୋକମାନେ ଚିରକାଳ ପାଇଁ,
ଚିରକାଳ ପାଇଁ, ଚିରକାଳ
ପାଇଁ ଉଦ୍ଧାରପ୍ରାପ୍ତ ।

ଆଉ ମୃତ୍ୟୁ ନାହିଁ ।   ଲୋତକ ନାହିଁ ।

ଦୁଃଖ ନାହିଁ ।   କଷ୍ଟ ନାହିଁ ।

ମୁଁ ସବୁକିଛି ନୂତନ କରିଅଛି ।'

ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି,
'ଦେଖ ମୁଁ ପୁର୍ନବାର ଶୀଘ୍ର ଆସୁଅଛି ।
ମୁଁ ହେଉଛି ଅନନ୍ତକାଳୀନ ।
ମୁଁ ଯୀଶୁ ।   ମୁଁ ତୁମକୁ ପ୍ରେମ କରେ ।
ମୁଁ ତୁମକୁ ଚିରକାଳ ପାଇଁ, ଚିରକାଳ ପାଇଁ,
ଚିରକାଳ ପାଇଁ ଉଦ୍ଧାର କରିଅଛି ।'

